# NATIONAL NEWS BULLETIN (ODIA)

## 24th May - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଦେଶରେ ଷଷ୍ଠ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ଲାଗି ଆସନ୍ତାକାଲି ହେବ ମତଦାନ ।

- ରବି ବିପଣନ ଋତୁ ୨୦୨୪-୨୫ରେ ଏପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରୁ ୨୬୨ ଲକ୍ଷ ମେଟ୍ରିକ୍ ଟନ୍ ଗହମ ସଂଗ୍ରହ କରାଯାଇ ସାରିଛି ।

- ଦେଶର ପ୍ରଥମ ସରକାରୀ ଟି.ଭି. ଚ୍ୟାନେଲ୍ ଭାବେ ଡି.ଡି. କିଷାନ୍ ପକ୍ଷରୁ ଦୁଇଟି କୃତ୍ରିମ ବୁଦ୍ଧିମତ୍ତା ଆଙ୍କର୍‌ଙ୍କର ଶୁଭାରମ୍ଭ ହେବ ଆସନ୍ତା ରବିବାର ।

- ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ଆସନ୍ତା ରବିବାର ଦିନ ପଶ୍ଚିମବଙ୍ଗ ଓ ଏହାର ସଂଲଗ୍ନ ବାଂଲାଦେଶ ଉପକୂଳ ଛୁଇଁବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗର ସୂଚନା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ଚେନ୍ନାଇଠାରେ ଖେଳାଯିବ ।

## ସିକ୍ସଥ୍ ଫେଜ୍ ଇଲେକ୍‌ସନ୍

ଦେଶରେ ଷଷ୍ଠ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗ୍ରହଣ ହେବ । ଏଥିରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ଲାଗି ମତଦାନ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।  ଏହି ପର୍ଯ୍ୟାୟରେ ଆସନ୍ତାକାଲି ଉତ୍ତରପ୍ରଦେଶର ୧୪ଟି, ହରିୟାଣାର ସମସ୍ତ ୧୦ଟି, ବିହାର ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ଦିଲ୍ଲୀର ସମସ୍ତ ୭ଟି, ଓଡ଼ିଶାର ୬ଟି, ଝାଡ଼ଖଣ୍ଡର ୪ଟି ଏବଂ ଜାମ୍ମୁ କାଶ୍ମୀରର ଗୋଟିଏ ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ମୋଟ୍ ୮ଶହ ଅଣାନବେ ଜଣ ପ୍ରାର୍ଥୀ ଏହି ପର୍ଯ୍ୟାୟ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମତଗ୍ରହଣ କରାଯିବ ।

ଏଥିସହିତ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ଆସନ୍ତାକାଲି ୬ଟି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ

ଏକସଙ୍ଗେ ଭୋଟ୍ ଗ୍ରହଣ କରାଯିବ । ସେହି ଆସନ ଗୁଡ଼ିକ ହେଉଛି - ସମ୍ବଲପୁର, କେନ୍ଦୁଝର, ଢ଼େଙ୍କାନାଳ, ପୁରୀ, ଭୁବନେଶ୍ୱର ଓ କଟକ । ରାଜ୍ୟରେ ୬ଟି ଲୋକସଭା ଆସନ ପାଇଁ ୬୪ ଜଣ ପ୍ରାର୍ଥୀ ଏବଂ ୪୨ଟି ବିଧାନସଭା କ୍ଷେତ୍ର ଲାଗି ୩୮୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ଅବସରରେ ୧୦ଟି ଜିଲ୍ଲାରେ ୧୦ ହଜାର ୫୧୫ଟି ମତଦାନ କେନ୍ଦ୍ରରେ ୯୪ଲକ୍ଷ ୪୮ ହଜାର ୫୫୩ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଏହି ପର୍ଯ୍ୟାୟ ନିର୍ବାଚନରେ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ନିଆଯାଇଛି । ଏଥିଲାଗି ୧୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ଫୋର୍ସ ନିୟୋଜିତ ହେବେ । ଏହାଛଡ଼ା ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଜଣେ ଆଶାକର୍ମୀ, ଜଣେ ସ୍ୱେଚ୍ଛାସେବୀଙ୍କ ନିୟୋଜନ ସହ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଧଳ କହିଛନ୍ତି ।

## ପଞ୍ଜାବ - ପି.ଏମ୍.

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଜାବର ଗୁରୁଦାସପୁର ଜିଲ୍ଲା ଅନ୍ତର୍ଗତ ଦୀନା ନଗରଠାରେ ଦଳୀୟ ପ୍ରାର୍ଥୀଙ୍କ

ସପକ୍ଷରେ ପ୍ରଚାର କରିବା ସହିତ କଂଗ୍ରେସ ଦଳ ପାକିସ୍ତାନର ଭାଷା କହୁଛି ବୋଲି ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଇଣ୍ଡି ମେଣ୍ଟ ଦେଶର ସୁରକ୍ଷା ପ୍ରତି ଏକ ବଡ଼ ବିପଦ । କାରଣ ଜମ୍ମୁ-କାଶ୍ମୀରରେ ୩୭୦ ଧାରାକୁ ପୁନଃ ଲାଗୁ କରାଯିବ ବୋଲି ଏହି ମେଣ୍ଟ ନିଜ ନିର୍ବାଚନ ଇସ୍ତାହାରରେ କହିଛି । ଏହାଦ୍ୱାରା ସନ୍ତ୍ରାସବାଦକୁ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ମୋଦି ଅଭିଯୋଗ କରିଛନ୍ତି । ସେ କହିଛନ୍ତି, କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି ଦେଶବାସୀଙ୍କ ଆଖିରେ ଧୂଳି ଦେବାକୁ ଚେଷ୍ଟା କରୁଛନ୍ତି । କାରଣ ପଞ୍ଜାବରେ ସେମାନେ ପରସ୍ପରକୁ ବିଭିନ୍ନ ପ୍ରସଙ୍ଗରେ ଦୋଷାରୋପ କରୁଥିବାବେଳେ ଦିଲ୍ଲୀରେ ମିତ୍ରଭାବେ କାର୍ଯ୍ୟ କରୁଛନ୍ତି । ତେବେ ଦେଶବାସୀ ପ୍ରକୃତ ତଥ୍ୟ ସମ୍ପର୍କରେ ଅବଗତ ହେଲେଣି ବୋଲି ଶ୍ରୀ ମୋଦି କହିଛନ୍ତି ।

## ଅମିତ୍ ଶାହା - ଝାଡ଼ଖଣ୍ଡ

ବି.ଜେ.ପି.ର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଆଜି ଝାଡ଼ଖଣ୍ଡର ଜାମ୍‌ତାରାଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଝାଡ଼ଖଣ୍ଡର ଡୁମ୍‌କା ଲୋକସଭା ଆସନ ଲାଗି ଜୁନ୍ ୧ ତାରିଖ ଦିନ ଭୋଟ୍ ଗ୍ରହଣ କରାଯିବ । ଏହି ଅବସରରେ ଆୟୋଜିତ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ

ଶାହା’ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏବଂ କଂଗ୍ରେସ ମେଣ୍ଟକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଦୁର୍ନୀତି କରିବା ଲାଗି ଉଭୟ ଦଳ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ମାତ୍ର ବି.ଜେ.ପି.’ ରାଜ୍ୟର ସାନ୍ତାଳ ଓ ଜନଜାତି ସମ୍ପ୍ରଦାୟଙ୍କର ସାମଗ୍ରିକ ବିକାଶ ଲାଗି ବହୁବିଧ ପଦକ୍ଷେପ ଗ୍ରହଣ କରିଛି । ଏହାର ଅଂଶସ୍ୱରୂପ ବି.ଜେ.ପି.ର ଶାସନ ସମୟରେ ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ବି.ଜେ.ପି. ସରକାରଙ୍କ ଅମଳରେ ରାଜ୍ୟର ଗିରିଡିହ୍ ଓ ବୁଢ଼ା ପାହାଡ଼ ଭଳି ବିଭିନ୍ନ ଅଞ୍ଚଳରୁ ନକ୍ସଲବାଦକୁ ମୂଳୋତ୍ପାଟନ କରାଯାଇଛି ।

ରାଜ୍ୟରେ ଗୋ-ଚାଲାଣ ବୃଦ୍ଧି ପାଉଥିବା ପ୍ରସଙ୍ଗ ସମ୍ପର୍କିତ ପ୍ରତିକ୍ରିୟାରେ ଶ୍ରୀ ଶାହା ଝାଡ଼ଖଣ୍ଡରେ ବି.ଜେ.ପି. ସରକାର କ୍ଷମତାସୀନ ହେଲେ ଗୋ-ଚାଲାଣ ସମ୍ପୂର୍ଣ୍ଣ ବନ୍ଦ କରିବା ଲାଗି ଏକ ବିଧେୟକ ଅଣାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ଏହି ଡୁମ୍‌କା ଲୋକସଭା ଆସନରୁ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନେତା ଶିବୁ ସୋରେନ୍‌ଙ୍କ ପୁତ୍ରବଧୂ ସୀତା ସୋରେନ୍‌ଙ୍କୁ ବି.ଜେ.ପି. ପ୍ରାର୍ଥୀ କରିଛି ।

# ବିହାର - ସିକ୍ସ ଫେଜ୍ ପୋଲ୍

ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତାକାଲି ବିହାରର ୮ଟି ଲୋକସଭା ଆସନ ଲାଗି ଭୋଟ୍‌ଗ୍ରହଣ କରାଯିବ । ସେଗୁଡ଼ିକ ହେଲା - ବୈଶାଳୀ, ଗୋପାଳଗଞ୍ଜ, ସିୱାନ୍, ମହାରାଜଗଞ୍ଜ, ବାଲ୍ମୀକି ନଗର, ସେଓହର, ପୂର୍ବ ଚମ୍ପାରନ୍ ଓ ପଶ୍ଚିମ ଚମ୍ପାରନ । ଏହିସବୁ ସଂସଦୀୟ କ୍ଷେତ୍ରରେ ୧ କୋଟି ୪୯ ଲକ୍ଷରୁ ଅଧିକ ମତଦାତା ଆସନ୍ତାକାଲି ୮୬ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏଥିଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବାଲ୍ମୀକି ନଗରଠାରେ ପୂର୍ବ ଓ ପଶ୍ଚିମ ଚମ୍ପାରନ୍ ସଂସଦୀୟ କ୍ଷେତ୍ରର ସୀମାଗୁଡ଼ିକ ସମେତ ଭୋରତ-ନେପାଳ ସୀମାକୁ ମଧ୍ୟ ମତାଦାନ ଶେଷ ହେବା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ସେହିଭଳି ଗୋପାଳଗଞ୍ଜ ଓ ସିୱାନ୍ ସଂସଦୀୟ କ୍ଷେତ୍ରରେ ଥିବା ଉତ୍ତର ପ୍ରଦେଶ ସହିତ ଆନ୍ତଃରାଜ୍ୟ ସୀମାକୁ ମଧ୍ୟ ବନ୍ଦ କରାଯାଇଛି ।

ପୂର୍ବ ଚମ୍ପାରନ୍ ଲୋକସଭା ଆସନରୁ ବି.ଜେ.ପି. ପକ୍ଷରୁ ରାଧାମୋହନ ସିଂହ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଜେ.ଡି.ୟୁ ଲଭ୍‌ଲି ଆନନ୍ଦଙ୍କୁ ସେଓହରରେ ପ୍ରାର୍ଥୀ କରିଛି । ସେହିଭଳି ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ସିୱାନ୍ ଲୋକସଭା ଆସନରୁ ଲଢୁଥିବା ହେନା ଶାହା ଅନ୍ୟତମ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଏହି ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ସମସ୍ତ ଆସନ' ଏନ୍.ଡି.ଏ.ର ଅଂଶୀଦାର

ବି.ଜେ.ପି., ଏଲ୍.ଜେ.ପି. ଓ ଜେ.ଡି.ୟୁ. ଅଧୀନରେ ରହିଛି । ସେଥିମଧ୍ୟରେ ବି.ଜେ.ପି. ୪ଟିରେ, ଜେ.ଡି.ୟୁ. ୩ଟିରେ, ଏଲ୍.ଜେ.ପି. ଗୋଟିଏ ଆସନରେ ଗତ ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିଲେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ରାଜସ୍ଥାନ - କାଉଣ୍ଟିଂ ପ୍ରିପାରେସନ୍

ରାଜସ୍ଥାନର ୨୫ଟିଯାକ ସଂସଦୀୟ କ୍ଷେତ୍ରରେ ଆସନ୍ତା ମାସ ୪ ତାରିଖ ଦିନ ଭୋଟ୍‌ଗଣତି ଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହିଦିନ ଗଣତି ପ୍ରକ୍ରିୟା ସକାଳ ୮ଟାରୁ ଆରମ୍ଭ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରବୀଣ ଗୁପ୍ତା ଗଣମାଧ୍ୟମକୁ କହିଛନ୍ତି ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ୨୫ଟି ସଂସଦୀୟ କ୍ଷେତ୍ରରେ ମୋଟ ୨୯ଟି ଗଣତି କେନ୍ଦ୍ର ସ୍ଥାପନ ହେବ । ଯୋଦ୍ଧପୁର, ନାଗପୁର, କରଉଲି-ଧୋଲ୍‌ପୁର ଏବଂ ଗଙ୍ଗାନଗର ସଂସଦୀୟ ମଣ୍ଡଳୀରେ ୨ଟି ଲେଖାଏଁ ଗଣତି କେନ୍ଦ୍ର ସ୍ଥାପନ ହେବାକୁ ଥିବାବେଳେ ବାକି ସମସ୍ତ ସଂସଦୀୟ ମଣ୍ଡଳୀରେ ଗୋଟିଏ ଲେଖାଏଁ ଗଣତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଇ.ଭି.ଏମ୍.ଦ୍ୱାରା ସଂଗୃହୀତ ଭୋଟ୍‌ଗୁଡ଼ିକର ଗଣତି ୪ ହଜାର ୩୩ଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ କରାଯିବ । ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ

ଆସିଥିବା ଭୋଟ୍‌ଗୁଡ଼ିକ ୬୨ଟି ପ୍ରକୋଷ୍ଠରେ ଏବଂ ଇ.ଭି.ଏମ୍. ଭୋଟ୍‌ଗୁଡ଼ିକ ୨୩୫ଟି ପ୍ରକୋଷ୍ଠରେ କରାଯିବ । ଏହି ଗଣତି ପ୍ରକ୍ରିୟାର ତଦାରଖ ଲାଗି ମୋଟ୍ ୩ ହଜାର ୫୦୦ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି । ଏହାଛଡ଼ା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମଧ୍ୟ ୫୬ ଜଣ ଗଣତି ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରତ୍ୟେକ ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା  ଗ୍ରହଣ କରାଯାଇଛି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ସେଣ୍ଟର ହ୍ୱିଟ୍

ରବି ବିପଣନ ଋତୁ ୨୦୨୪-୨୫ରେ ଏପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରୁ ୨୬୨ ଲକ୍ଷ ମେଟ୍ରିକ୍ ଟନ୍ ଗହମ ସଂଗ୍ରହ କରାଯାଇ ସାରିଛି । ଏ ସମ୍ପର୍କରେ ଖାଦ୍ୟ, ସାଧାରଣ ବଣ୍ଟନ ଏବଂ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ପ୍ରକ୍ରିୟା ବର୍ତ୍ତମାନ ସୁରୁଖୁରୁରେ ଚାଲୁ ରହିଛି । ଏହାଦ୍ୱାରା ବର୍ତ୍ତମାନ ସୁଦ୍ଧା ୨୨ ଲକ୍ଷ ୩୧ ହଜାର ଚାଷୀ ଏହି ରବି ବିପଣନ ଋତୁରେ ଉପକୃତ ହୋଇଛନ୍ତି । ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ମୋଟ ୫୯ ହଜାର ୭୧୫ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କ୍ ଖାତାରେ ଜମା କରାଯାଇଛି । ଚଳିତ ଋତୁରେ ପଞ୍ଜାବ, ହରିୟାଣା,

ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶରୁ ସିଂହଭାଗ ଗହମ ସଂଗ୍ରହ କରାଯାଇଛି । ଅନ୍ୟପକ୍ଷରେ ଧାନ ସଂଗ୍ରହ କାର୍ଯ୍ୟ ମଧ୍ୟ ସୁରୁଖୁରୁରେ ଚାଲିଥିବା ସମ୍ପର୍କରେ ମନ୍ତ୍ରଣାଳୟ ସୂଚନା ଦେଇଛି । ଦିଆଯାଇଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ୯୮ ଲକ୍ଷ ୨୬ ହଜାର କୃଷକଙ୍କ ନିକଟରୁ ୭୨୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି, ଯାହାକି ୪୮୯ ଲକ୍ଷ ୧୫ ହଜାର ମେଟ୍ରିକ୍ ଟନ୍ ଚାଉଳ ସହିତ ସମାନ ।  ଏହି ପ୍ରକ୍ରିୟାରେ ସମ୍ପୃକ୍ତ ଚାଷୀଙ୍କ ବ୍ୟାଙ୍କ୍ ଖାତାରେ ୧ ଲକ୍ଷ ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଆକାରରେ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଡି.ଡି. କିଷାନ୍

ଦେଶର ପ୍ରଥମ ସରକାରୀ ଟି.ଭି. ଚ୍ୟାନେଲ୍ ଭାବେ ଦୂରଦର୍ଶନର ଡି.ଡି. କିଷାନ୍ ପକ୍ଷରୁ ଦୁଇଟି କୃତ୍ରିମ ବୁଦ୍ଧିମତ୍ତା ଉପସ୍ଥାପକ ଓ ଉପସ୍ଥାପିକା ଆସନ୍ତା ରବିବାର ଦିନ ଶୁଭାରମ୍ଭ ହେବ । ସେମାନେ ହେଲେ କ୍ରିସ୍ ଓ ଭୂମି । ଏ ସମ୍ପର୍କରେ ସୂଚନା ଦେଇ କୃଷି ମନ୍ତ୍ରଣାଳୟ କହିଛି, ଏକ ନୂତନ ରୂପରେ ଏହି ଆଙ୍କର୍ ଡି.ଡି. କିଷାନ୍ ଚ୍ୟାନେଲ୍‌ରେ କୃଷି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିବେ । ଏହି ଆଙ୍କର୍‌ମାନଙ୍କର ୫୦ଟି ଭାଷାରେ କଥା ହେବାର ସାମର୍ଥ୍ୟ ଥିବା ସହିତ ୩୬୫ ଦିନ ଯାକ ୨୪ ଘଣ୍ଟା କ୍ଲାନ୍ତ ଅନୁଭବ

ନ କରି ସମ୍ବାଦ ପରିବେଷଣ କରିବାର କ୍ଷମତା ରହିଛି । ଏହାକୁ ଦେଶବ୍ୟାପୀ ସମସ୍ତେ ଡି.ଡି. କିଷାନ୍ ଚ୍ୟାନେଲ୍‌ରେ ଦେଖିପାରିବେ ।

## ସାଇକ୍ଲୋନ୍ - ଡବ୍ଲ୍ୟୁ.ବି.

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ରିମାଲ୍' ଆସନ୍ତା ୨୬ ତାରିଖ ରବିବାର ଦିନ ପଶ୍ଚିମବଙ୍ଗ ଓ ଏହାର ସଂଲଗ୍ନ ବାଂଲାଦେଶ ଉପକୂଳ ଛୁଇଁବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ମିଳିଥିବା ସୂଚନା ଅନୁଯାୟୀ, ୨୬ ତାରିଖ ସକାଳେ ବାତ୍ୟା ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୧୦ରୁ ୧୨୦ କିଲୋମିଟର ତଥା ସ୍ଥଳ ବିଶେଷରେ ୧୩୫ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ । ଏହାର ପ୍ରଭାବ ୨୭ ତାରିଖ ସକାଳ ପର୍ଯ୍ୟନ୍ତ ଅନୁଭୂତ ହୋଇପାରେ । ପରେ ଏହା କ୍ରମଶଃ ହ୍ରାସ ପାଇବାର ସମ୍ଭାବନା ରହିଛି । ଏଥିଲାଗି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୋଲ୍‌କାତା, ହାୱ୍ରାଡ଼ା, ନଦିଆ, ଝାଡ଼ଗ୍ରାମ, ଉତ୍ତର ୨୪ ପ୍ରଗନା, ଦକ୍ଷିଣ ୨୪ ପ୍ରଗନା ଓ ପୂର୍ବ ମେଦିନୀପୁର ଜିଲ୍ଲାଗୁଡ଼ିକରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ ଆସନ୍ତାକାଲି ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଅବସରରେ ପଶ୍ଚିମବଙ୍ଗରେ ୮ଟି ଆସନ ଲାଗି ଭୋଟ୍‌ଗ୍ରହଣ କରାଯିବ । ତେବେ ବାତ୍ୟାକୁ ଦୃଷ୍ଟିରେ ରଖି ମତଦାତାମାନେ ଯେଭଳି ସୁରୁଖୁରୁରେ ମତଦାନ କେନ୍ଦ୍ରଗୁଡ଼ିକରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ, ସେଥିଲାଗି ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ବାଚନ ଆୟୋଗ ସମ୍ପୃକ୍ତ ଜିଲ୍ଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦ୍ୱିତୀୟ କ୍ୱାଲିଫାୟରର ମ୍ୟାଚ୍ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବ । ମିଳିଥିବା ସୂଚନା ଅନୁଯାୟୀ ରାଜସ୍ଥାନ ରୟାଲ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ସନରାଇଜର୍ସ ହାଇଦ୍ରାବାଦ ଏପର୍ଯ୍ୟନ୍ତ ୧୯ଟି ମ୍ୟାଚ୍‌ରୁ ୧୦ଟି ଜିତିଥିବା ବେଳେ ରାଜସ୍ଥାନ ରୟାଲ୍‌ସ ୯ଟି ମ୍ୟାଚ୍‌ରେ ବିଜୟଲାଭ କରିଛି । ଗତ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ କ୍ୱାଲିଫାୟରରେ ସନରାଇଜର୍ସ ହାଇଦ୍ରାବାଦ' କୋଲ୍‌କାତା ନାଇଟ୍ ରାଇଡର୍ସ ଠାରୁ ପରାସ୍ତ ହୋଇଥିଲା ।

ଆଇ.ପି.ଏଲ୍. ଫାଇନାଲ୍ ମ୍ୟାଚ୍ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବ ।

*****